ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟା ଓ କରୋନା ଭୁତାଣୁ(କୋଭିଡ-୧୯ )
ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ।

ଝାରସୁଗୁଡ଼ା ତା ୧୭/୦୩- ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାର ମୁକାବିଲା ତଥା  କରୋନା ଭୁତାଣୁ ଜନିତ ସଂକ୍ରମଣକୁ ରୋକିବା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଡି ଏମ୍ ଏଫ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ  ବୈଠକରେ ଅତିରିକ୍ତ ଜିଲ୍ଲାପାଳ  ପ୍ରଦୀପ କୁମାର ସାହୁ , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ  ତପିରାମ ମାଝୀ , ଉପ ଜିଲ୍ଲାପାଳ ଶିବ ଟପ୍ପୋ , ସହକାରୀ ଜିଲ୍ଲାପାଳ ଅଶ୍ୱିନୀ କୁମାର ପଣ୍ଡା , ଡି ପି ଓ ସଂଗୀତା ଦାଶ , ଗୋଷ୍ଠୀ ଉନ୍ନୟନ ଅଧିକାରୀ , ପୌରପାଳିକା ନିର୍ବାହୀ ଅଧିକାରୀ ,ତହସିଲଦାର , ଜିଲ୍ଲା ସ୍ତରୀୟ ଅଧିକାରୀ ,ନିର୍ବାହୀ ଯନ୍ତ୍ରୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ । କରୋନା ଭୁତାଣୁ ଜନିତ ସଂକ୍ରମଣକୁ ରୋକିବା ପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ସ୍ବରୂପ ଅନ୍ୟାଦେଶ ପର୍ଯ୍ୟନ୍ତ ସମସ୍ତ ସାପ୍ତାହିକ ହାଟକୁ ବନ୍ଦ ରଖିବା ପାଇଁ ବିଡ଼ିଓମାନଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଜି ଝାରସୁଗୁଡ଼ା ସ୍ଥିତ ମଙ୍ଗଳ ବଜାର ସାପ୍ତାହିକ  ହାଟରେ ୧୪୪ଧାରା ଜାରି କରାଯାଇଥିବାର ସୂଚନା ଦେଇଥିଲେ ।ସମସ୍ତେ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିବା ଦିଗରେ ସତର୍କତା ଅବଲମ୍ବନ କରି ନିଜେ ସୁରକ୍ଷିତ ରହିବା ସଂଗେ ସଂଗେ ଅନ୍ୟମାନଙ୍କୁ ଏ ଦିଗରେ       ମାର୍ଗଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି । ଜନ ସମାଗମ ହେଉଥିବା ସାମାଜିକ କାର୍ଯ୍ୟକ୍ରମ ଠାରୁ ଦୂରେଇ ରହିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଜନିତ ସମସ୍ୟାର ମୁକାବିଲା ସକାଶେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ତ ତହସିଲ , ପ୍ରାଣୀଧନ ଚିକିତ୍ସା କାର୍ଯ୍ୟାଳୟ ,ମ୍ୟୁନିସିପାଲିଟି ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ ଖୋଲିବା , ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ବିଭାଗଗୁଡିକ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ଓ ଜିଲ୍ଲା କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଥିବା ସମସ୍ତ ନଳକୂପଗୁଡ଼ିକର ସ୍ଥିତି ସମ୍ପର୍କରେ ଆସନ୍ତା ସାତ ଦିନ ମଧ୍ୟରେ ବିବରଣୀ ପ୍ରଦାନ କରିବା , ବିଦ୍ୟାଳୟ ସମୟରେ ପରିବର୍ତ୍ତନ , ଯାତ୍ରୀବାହୀ ବସଗୁଡିକର ଚଳାଚଳ ସମୟର ପରିବର୍ତ୍ତନ ପୂର୍ବକ ପୂର୍ବାହ୍ନ ଏଗାରଟାରୁ ଅପରାହ୍ନ ତିନିଟା ମଧ୍ୟରେ ଚଳାଚଳ ବନ୍ଦ ରଖିବା ସହ ବସରେ ପାନୀୟ ଜଳ ଏବଂ ଓ ଆର ଏସ ମହଜୁଦ ରଖିବା ସକାଶେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅଂଶୁଘାତ ଆକ୍ରାନ୍ତ ରୋଗୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ , ଓ ଆର ଏସ ମହଜୁଦ ରଖିବା ସହ କୁଲର , ଏ ସି ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବାହ୍ନ ଏଗାରଟାରୁ ଅପରାହ୍ନ ସାଢ଼େ ତିନିଟା ମଧ୍ୟରେ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ଶ୍ରମିକମାନଙ୍କ ସକାଶେ ପାନୀୟ ଜଳ ଓ ବିଶ୍ରାମାଗାର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଶିକ୍ଷାନୁଷ୍ଠାନଗୁଡିକ ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଛନ୍ତି । ସମ୍ଭାବ୍ୟ ଅଂଶୁଘାତ ଜନିତ ମୃତ୍ୟୁରେ ସ୍ୱାସ୍ଥ୍ୟ ବିଭାଗ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଯୁଗ୍ମ ଅନୁସନ୍ଧାନ , ଅଗ୍ନିକାଣ୍ଡ ଜନିତ ସମସ୍ୟାର ମୁକାବିଲା , ନିରବଛିନ୍ନ ବିଦ୍ୟୁତ ଯୋଗାଣ ସକାଶେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶେଷରେ ଉପ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ସୂଚନା ଓ
ଲୋକ ସମ୍ପର୍କ ଅଧିକାରୀ ,
ଝାରସୁଗୁଡ଼ା ।।